# Akashvani, Sambalpur

## SAMBALPURI NEWS BULLETIN

### 21 September 2025 – 6.47- 6.52 am.

*********************************************

ଗଣଦୌଡ଼ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଉ କିଛି ସମିଆ ଉତ୍‌ରୁ ଦେଶର୍ ୭୫ ଟା ସହର୍ ନ ୧୦ ଲାଖ୍ ଯୁଆନ୍ ମାନ୍‌କୁ ନେଇକରି ଗଣଦୌଡ଼ ଆୟୋଜନ୍ କରାଯାଉଛେ । ଇ ଗଣଦୌଡ଼ର୍ ବାର୍ତା ହେଉଛେ ନିଶାମୁକ୍ତ ଭାରତ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ବିଶାଲ୍ ଗଣଦୌଡ଼ର୍ ଆୟୋଜନ୍ କରାଯାଉଛେ । ଗଣଦୌଡ଼କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭାରମ୍ଭ କର୍‌ବେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ଭୁବନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍

ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୋଦୀ- ଓଡ଼ିଶା- ସମୀକ୍ଷା I&PR

ଆଏବା ୨୭ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତଥି ଆସିକରି ବ୍ରହ୍ମପୁର୍ ଠାନେ ଜାତୀୟସ୍ତରୀୟ ସେବା ପର୍ବ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ଓଡ଼ିଶା ଆଉ ଦେଶର୍ ଭିନ୍ ଭିନ୍ ରାଜ୍ୟର୍ ବହୁତ୍‌ଟେ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍, ଶିଳାନ୍ୟାସ କର୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍‌କେ ନେଇକରି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ ।

ଇତାର୍ ଆଘୋନୁ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ବ୍ରହ୍ମପୁର୍ ଗସ୍ତ କରିକରି ରଙ୍ଗେଇଲୁଣ୍ଡା ଏୟାର୍‌ଷ୍ଟ୍ରିପ୍ ପରିସର୍ ନ ବ୍ୟାପକ୍ ସୁରକ୍ଷା ବାହିନୀ ମୁତୟନ୍, ଟ୍ରାଫିକ୍ ଆଉ ପାର୍କିଂ ବ୍ୟବସ୍ଥାକେ କଡ଼ାକଡ଼ି କରାଯିବାର୍ ବାବ୍‌ଦେ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଅଙ୍ଗନବାଡ଼ି କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଅଏତ୍କା ସଂଖ୍ୟାଥି ଅଙ୍ଗନବାଡ଼ି କେନ୍ଦ୍ର ଖୁଲାଯିବାର୍ ଲାଗି ପ୍ରସ୍ତାବ୍ ରହିଛେ । ଜିଲ୍ଲାମାନ୍କର୍ନୁ ମିଲିଥିବା ପ୍ରସ୍ତାବ୍ ମାନ୍କୁ ଯାଂଚ୍ କରାଯାଇକରି ରାଏଜେ ୬ ହଜାର୍ ୨ ଶହ ୬୪ ଟା ଅଙ୍ଗନବାଡ଼ି କେନ୍ଦ୍ରର୍ ଅନୁମୋଦନ୍ ଲାଗି କେନ୍ଦ୍ର ସର୍କାର୍ଙ୍କୁ ପଠାଯାଇଛେ । ସର୍କାର୍ଙ୍କର୍ ନୁ ଅନୁମୋଦିତ୍ ହେଲା ଉତ୍ରୁ ରାଜ୍ୟ ସର୍କାର୍ ଜରୁରୀ ପଦକ୍ଷେପ୍ ନେବେ । କଳାହାଣ୍ଡି ଜିଲ୍ଲା ନ ସବୁନୁ ଅଏତ୍କା ୭ ଶହ ୨୫ ଟା କେନ୍ଦ୍ର ଖୁଲ୍ବାର୍ ପ୍ରସ୍ତାବ୍ ରହିଛେ । ଗଲାକାଏଲ୍ ବିଧାନ୍ସଭା ନ ବିଧାୟକ୍ ଗଣେଶ୍ୱର୍ ବେହେରାଙ୍କର୍ ପ୍ରଶ୍ନର୍ ଉତର୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ସୂଚ୍ନା ଦେଇଛନ୍ ।

ବିଶ୍ୱ ଶାନ୍ତି ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ଶାନ୍ତି ଦିବସ୍ । ଆନ୍ତର୍ଜାତୀୟ ସ୍ତର୍ଥି ଦେଶ୍-ଦେଶ୍ ଆର୍ ଲୋକ୍ମାନ୍କର୍ ଭିତ୍ରେ ଶାନ୍ତି ଆର୍ ଭାଇଚାରା ରଖ୍ବାର୍ ଲାଗି ମିଲିତ୍ ଜାତିସଂଘ ତର୍ଫୁ ୧୯୮୨ ମସିହାନୁ ଆଝିର୍ ଦିନ୍କେ ବିଶ୍ୱ ଶାନ୍ତି ଦିବସ୍ ପାଲନ୍ କରାଯାଉଛେ । ଧୋବ୍ ପାରା ଉଡ଼େଇକରି ବିଶ୍ୱଶାନ୍ତିର ବାର୍ତା ପ୍ରଚାର୍ କରାଯାଉଛେ । ଶାନ୍ତି ଦିବସ୍ର ଇ ବଛ୍ରର ବାର୍ତା ହେଉଛେ 'ଶାନ୍ତିପୂର୍ଣ୍ଣ ପୁର୍ଥିର୍ ଲାଗି ଇହାଦେ କାମ୍ କରୁନ୍' ।

ରାଜ୍ୟ ବିହନ୍ ଉପକମିଟି ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ ବିହନ୍ ଉପକମିଟି ଉପ୍ରେ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ବୈଠକ୍ଥି ଆଲୋଚନା ଉତ୍ରୁ ୧୫ ଟା ଉଚ୍ଚା ଦର୍‌ଜାର୍ ଉଦ୍ୟାନ୍ କୃଷି ଫସଲ୍ କିସମ୍‌କେ ଅନୁମୋଦନ୍ କରାଯାଇଛେ ।

ମହାଳୟା        ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍‌ର ସମ୍‌ଲେଇ ଗୁଡ଼ି ନ ଆଏଜ୍ ମହାଳୟା ଅବ୍‌ସରେ ମାଁ ସମଲେଇ ଭକ୍ତମାନ୍‌କୁ ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦେଉଛନ୍ । ସେନ୍ତା ମା ପାଟଣେଶ୍ୱରୀଙ୍କର୍ ଭିଲ୍ ଧବଲ୍‌ମୁଖୀ ବେଶ କରାଯାଇଛେ । ଇ ବାବ୍‌ଦେ ସମଲେଇ ମନ୍ଦିର୍ ମୁଖ୍ୟ ପୂଜକ କହିଛନ୍....

(ଭଏସ୍ ଓଭର୍-ପୂଜକ)

ଛତିଶା ନିଯୋଗ୍ ବୈଠକ୍            ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଛତିଶା ନିଯୋଗ୍ ଆଉ ନୀତି ସବ୍‌କମିଟିର୍ ଜରୁରୀ ବୈଠକ୍ ହେଇଯାଇଛେ । ଆଏବା କାର୍ତ୍ତିକ୍ ମାସେ ପରୀକ୍ଷାମୂଳକ୍ ଭାବେ ଧାଡ଼ି ଦର୍ଶନ୍ ବ୍ୟବସ୍ଥାକେ ନେଇକରି ବୈଠକ୍ଥି ନିଷ୍ପତି ନିଆଯାଇଥିବାର୍ ବେଳେ ଇଥିର୍‌ଲାଗି ମାର୍ଗଦର୍ଶିକା ତିଆର୍ କରାଯାଉଥିବାର୍ ବାବ୍‌ଦେ ସୂଚ୍‌ନା ମିଳିଛେ ।

ସେବା ପର୍ବ           ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ  ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶେ କର ବ୍ୟବସ୍ଥାଥି ବହୁତ୍‌ଟେ ସୁଧାର୍ ଆସିଛେ । ଖାସ୍ କରି ମଧ୍ୟବିତ ଶ୍ରେଣୀର୍ ଲୁକ୍‌କର୍ ଲାଗି କରକେ ସରଳୀକରଣ୍ କର୍‌ବାର୍ ସହେତେ ସେମାନ୍‌କର୍ ଆୟ ଉପ୍‌ରେ ଜୋର୍ ଦିଆଯାଇଛେ । ୨୦୨୫-୨୬ କେନ୍ଦ୍ର ବଜେଟ୍‌ଥି ହେଇଥିବା କର ସଂସ୍କାର୍‌ଥି ସର୍‌କାର୍ ମଧ୍ୟବିତ ଶ୍ରେଣୀର୍ ଲୁକ୍‌କୁ ନଜର୍‌ଥି ରଖିକରି ବହୁତ୍‌ଟେ ନିଷ୍ପତି ନେଇଛନ୍ । ଯେନ୍ତାକି ୧୨ ଲାଖ୍‌ତକ୍ କମାନି ଉପ୍‌ରେ ସର୍‌କାର୍ କର ଛାଡ୍ କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଉତର୍, ଦକ୍ଷିଣ ଉପକୂଳ ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୬ ଟା ଜିଲ୍ଲା ନ ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ

ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।